**NEW PAPER:** Prameya

**DATE:** 26.08.2018

**PAGE:** 20

ପ୍ରମେୟ
THE PRAMEYA

# ବନ୍ଧୁକ ଚାଳନାରେ ଏଏସ୍‌ବିଏମ୍ ଛାତ୍ରଛାତ୍ରୀଙ୍କ ସଫଳତା



ଭୁବନେଶ୍ୱର,୨୫।୮(ବ୍ୟୁରୋ): ଏସିଆନ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ର ଛାତ୍ରୀ ଉଷା ରାଣୀ ଆସନସୋଲ୍ ଠାରେ ଅନୁଷ୍ଠିତ ପୂର୍ବ ଭାରତ ବନ୍ଧୁକଚାଳନା ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଉଷା ରାଣୀ ଏଏସ୍‌ବିଏମ୍‌ରେ ପିଜିଡ଼ିଏମ୍ ବିଭାଗର ୨ୟ ବର୍ଷର ଛାତ୍ରୀ। ଏହା ପୂର୍ବରୁ ଉଷା ରାଣୀ ଏବଂ ଏଏସ୍‌ବିଏମ୍‌ର ଅନ୍ୟ ଏକ ଛାତ୍ର ପୂର୍ଣ୍ୟଶ୍ଳୋକ ପଟ୍ଟନାୟକ ଓଡ଼ିଶା ରାଜ୍ୟ ବନ୍ଧୁକ ଚାଳନା ସିନିୟର ଚାମ୍ପିଅନସିପ୍‌ରେ ୨ୟ ସ୍ଥାନ ଅଧିକାର କରିଥିଲେ । ଉଭୟ ପୂର୍ଣ୍ୟଶ୍ଳୋକ ଏବଂ ଉଷା ରାଣୀ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି ସଫଳତାରେ ଖୁସି ହୋଇ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।